# 2021-22 ବାର୍ଷିକ ବଜେଟ୍‌ର ମୁଖ୍ୟାଂଶ

ଆଜି 22 ଫେବୃଆରୀ, 2021 ରେ ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ 2021-22 ଆର୍ଥିକ ବର୍ଷ ନିମନ୍ତେ 1 ଲକ୍ଷ 70 ହଜାର କୋଟି ଟଙ୍କାର ବଜେଟ୍ ବିଧାନସଭାରେ ଅନୁମୋଦନ ପାଇଁ ଉପସ୍ଥାପନ କରିଛନ୍ତି । ଏହି ବଜେଟ୍ ରେ ଜନ କଲ୍ୟାଣ, ପୁଞ୍ଜି ନିବେଶ, ବିକାଶ, ଭିତ୍ତିଭୂମି ଉନ୍ନୟନ ଓ ରୂପାନ୍ତରଣ ଉପରେ ଗୁରୁତ୍ୱ ଦିଆ ଯାଇଅଛି । ଏହି ବଜେଟ୍ ବିଗତ 2020-21 ଆର୍ଥିକ ବର୍ଷ ସଂଶୋଧିତ ଆକଳନ ତୁଳନାରେ 26% ଅଧିକ ଅଟେ ।

ପୂର୍ବ ବର୍ଷ ମାନଙ୍କ ଭଳି 2021-22 ଆର୍ଥିକ ବର୍ଷ ବଜେଟ୍ କୁ ମଧ୍ୟ କୃଷି ବଜେଟ୍ ଓ ସାଧାରଣ ବଜେଟ୍ ଏହିପରି ଦୁଇ ଭାଗରେ ଉପସ୍ଥାପନ କରାଯାଇଛି । 2020-21 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଏବଂ 2021-22 ବାର୍ଷିକ ଅଟକଳର ଏକ ତୁଳନାତ୍ମକ ବିବରଣୀ ନିମ୍ନଲିଖିତ ସାରଣୀରେ ଦର୍ଶାଯାଇଛି ।

(କୋଟି ଟଙ୍କା ହିସାବରେ)

| କ୍ରମିକ ସଂଖ୍ୟା | ପ୍ରକାର | 2020-21 ଆର୍ଥିକ ବର୍ଷର ସଂଶୋଧିତ ଆକଳନ | 2021-22 ଆର୍ଥିକ ବର୍ଷର ବଜେଟ୍ ଆକଳନ |
|---|---|---|---|
| 1. | ପ୍ରଶାସନିକ ଖର୍ଚ୍ଚ | 63,150 | 85,000 |
| 2. | କାର୍ଯ୍ୟକ୍ରମ ଖର୍ଚ୍ଚ | 62,000 | 75,000 |
| 3. | ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଖର୍ଚ୍ଚ | 2,700 | 3,050 |
| 4. | ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ଖର୍ଚ୍ଚ | 7,150 | 6950 |
| ମୋଟ | | **1,35,000** | **1,70,000** |

## 1. ଏହି ବଜେଟ୍‌ରେ କ'ଣ ନୂତନତ୍ୱ ଅଛି?

- **NeVA (National e-Vidhan Application)** ରେ ବଜେଟ୍ ଉପସ୍ଥାପନା ସହିତ ସଂପୂର୍ଣ୍ଣ **ଇ-ବଜେଟ୍‌ର** ହାସଲ ଯାହାକି ଏକ ପରିବେଶ ଅନୁକୂଳ ପଦକ୍ଷେପ
- ଏକ ସ୍ୱତନ୍ତ୍ର ବଜେଟ୍ ମୋବାଇଲ ଆପ୍ଲିକେସନ ଯାହାକି ଉଭୟ Google Play Store ଏବଂ Apple App Store ରେ ଉପଲବ୍ଧ
- ପୂର୍ବ ବର୍ଷ ପରି,ବଜେଟ୍‌ର ବିଶ୍ୱସନୀୟତାରେ ଉନ୍ନତି ଆଣିବା ପାଇଁ **Strategic Budgeting** ପ୍ରକ୍ରିୟାର ପ୍ରବର୍ତ୍ତନ
- ବିତ୍ତୀୟ ସ୍ୱଚ୍ଛତା ବୃଦ୍ଧି ତଥା ରାଜ୍ୟରେ ସରକାରୀ ଅର୍ଥ ପରିଚାଳନାରେ ସଂସ୍କାର ଆଣିବାର ପ୍ରୟାସରେ ପ୍ରଥମ ଥର ପାଇଁ Fiscal Risk Statement ପ୍ରକାଶ ପାଇଛି
- ରାଜ୍ୟ ଅର୍ଥବ୍ୟବସ୍ଥାର disclosure ପାଇଁ "ବିତ୍ତୀୟ କୌଶଳ ରିପୋର୍ଟ" (**Fiscal Strategy Report**) ଏବଂ "ସରକାରୀ ଋଣର ସାଂପ୍ରତିକ ସ୍ଥିତିର ବିବରଣୀ" (**Status Report on Public Debt**) ପ୍ରଥମ ଥର ପ୍ରକାଶିତ
- **SDG** ବଜେଟ୍ ଦସ୍ତାବିଜର ପ୍ରଥମ ପ୍ରକାଶନ
- **Disclosure Standard** ର ଉନ୍ନତି ଆଣିବା ପାଇଁ ବଜେଟ୍ ସୂଚନାକୁ **excel format** ରେ ଉପଲବ୍ଧ କରାଯାଇଛି

## 2. ବଜେଟ୍‌ର ମୁଖ୍ୟ ଉଦ୍ଦେଶ୍ୟ: ରୂପାନ୍ତରଣକାରୀ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି

- **"ନୂତନ ଓଡିଶା- ସଶକ୍ତ ଓଡିଶା"** ର ଆଶାକୁ ପୂରଣ କରିବା ପାଇଁ ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ଜୀବିକା, ଭିତ୍ତିଭୂମି ଏବଂ ଶିଳ୍ପ କ୍ଷେତ୍ରକୁ ପରବର୍ତ୍ତୀ ସ୍ତରକୁ ନେବା ସହ ସମାଜର ଦୁଃସ୍ଥ ବର୍ଗର ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷାର ବ୍ୟବସ୍ଥା
- **SCB ଭେଷଜ ମହାବିଦ୍ୟାଳୟକୁ** "AIIMS **ପ୍ଲସ୍**" ପ୍ରତିଷ୍ଠାନ ରେ ପରିଣତ କରି **ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟସେବା** ଯୋଗାଇବା ପାଇଁ ଆଗାମୀ 3 ବର୍ଷ ମଧ୍ୟରେ ପ୍ରାୟ **3,500 କୋଟି ଟଙ୍କାର** ବ୍ୟୟ ବରାଦ
- କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ରୂପାନ୍ତରଣକାରୀ ପରିବର୍ତ୍ତନ ଆଣିବା ପାଇଁ KALIA ଯୋଜନା ଅଧୀନରେ **1800 କୋଟି ଟଙ୍କା**, **ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା** (RKVY) ଅଧୀନରେ **450 କୋଟି ଟଙ୍କା**, ସମସ୍ତ ପ୍ରମୁଖ ନଦୀରେ In-stream Storage Structures (ISS) ର ନିର୍ମାଣ ପାଇଁ **795 କୋଟି ଟଙ୍କା** ଏବଂ କୃଷକ ମାନଙ୍କୁ Interest Subsudy/ Subvention Scheme ଅଧୀନରେ **819 କୋଟି ଟଙ୍କାର** ବ୍ୟୟ ବରାଦ
- ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବା ପାଇଁ ABADHA ଯୋଜନା ଅଧୀନରେ **542 କୋଟି ଟଙ୍କାର** ବ୍ୟୟ ବରାଦ
- ଲିଙ୍ଗରାଜ ମନ୍ଦିର ପରିପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ଓ ଚତୁର୍ପାଶ୍ୱରେ ଥିବା 65 ଏକରରୁ ଊର୍ଦ୍ଧ୍ୱ ଜାଗାକୁ ପଥଚାରୀଙ୍କ ପାଇଁ ଉନ୍ମୁକ୍ତ କରିବା ପାଇଁ EKAMRA ଯୋଜନା ଅଧୀନରେ **200 କୋଟି ଟଙ୍କାର** ବ୍ୟୟ ବରାଦ
- ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ ପାଇଁ SAMALEI ଯୋଜନା ଅଧୀନରେ **200 କୋଟି ଟଙ୍କାର** ବ୍ୟୟ ବରାଦ
- **ରାଉରକେଲାରେ** 15 ଏକରରୁ ଅଧିକ ଜମିରେ **ଏକ ନୂତନ ବିଶ୍ୱ ସ୍ତରୀୟ ହକି ଷ୍ଟାଡିୟମ୍** ନିର୍ମାଣ ପାଇଁ 90 କୋଟି ଟଙ୍କାର ବ୍ୟୟ ବରାଦ

# ବିଭାଗୱାରୀ ବ୍ୟୟ ବରାଦ

(କୋଟି ଟଙ୍କା ହିସାବରେ)

| ଦାବୀ ନଂ. | ବିଭାଗ | ପ୍ରଶାସନିକ ଖର୍ଚ୍ଚ | କାର୍ଯ୍ୟକ୍ରମ ଖର୍ଚ୍ଚ | ରାଜ୍ୟରୁ ହସ୍ତାନ୍ତର | ବିପର୍ଯ୍ୟୟ ମୁକାବିଲା ପାଣ୍ଠି | ସର୍ବ ମୋଟ |
|---|---|---|---|---|---|---|
| 1 | ସ୍ୱରାଷ୍ଟ୍ର ବିଭାଗ | 5,054.66 | 793.30 | | | 5847.96 |
| 2 | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ | 276.89 | 194.17 | | | 471.06 |
| 3 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | 1053.81 | 225.00 | | | 1278.81 |
| 4 | ଆଇନ ବିଭାଗ | 459.28 | 31.75 | | | 491.03 |
| 5 | ଅର୍ଥ ବିଭାଗ | 52,546.14 | 1,300.00 | | | 53,846.14 |
| 6 | ବାଣିଜ୍ୟ ବିଭାଗ | 75.01 | 47.31 | | | 122.32 |
| 7 | ନିର୍ମାଣ ବିଭାଗ | 1,711.70 | 4,875.00 | | | 6,586.70 |
| 8 | ଓଡିଶା ବିଧାନସଭା | 122.69 | | | | 122.69 |
| 9 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | 83.48 | 1,014.20 | | | 1,097.68 |
| 10 | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | 11,295.54 | 6,984.28 | | | 18,279.82 |
| 11 | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ | 895.39 | 2,710.81 | | | 3,606.20 |
| 12 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | 2,926.41 | 6,237.85 | | | 9,164.26 |
| 13 | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | 687.15 | 2,748.83 | 2,366.60 | | 5,802.58 |
| 14 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | 108.56 | 90.00 | | | 198.56 |
| 15 | କ୍ରୀଡା ଓ ଯୁବ ସେବା ବିଭାଗ | 35.29 | 370.00 | | | 405.29 |
| 16 | ଯୋଜନା ଓ ସଂଯୋଜନା ବିଭାଗ | 47.32 | 1,420.34 | | | 1,467.66 |
| 17 | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ | 528.71 | 14,688.43 | 4,583.40 | | 19,800.54 |
| 18 | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗ | 2.07 | | | | 2.07 |
| 19 | ଶିଳ୍ପ ବିଭାଗ | 5.64 | 400.00 | | | 405.64 |
| 20 | ଜଳ ସମ୍ପଦ ବିଭାଗ | 1,355.01 | 6,911.84 | | | 8,266.85 |
| 21 | ପରିବହନ ବିଭାଗ | 107.07 | 732.51 | | | 839.58 |
| 22 | ଜଙ୍ଗଲ ଓ  ପରିବେଶ ବିଭାଗ | 501.87 | 486.87 | | | 988.74 |
| 23 | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | 933.11 | 4,785.66 | | | 5,718.77 |
| 24 | ଇସ୍ପାତ ଓ ଖଣି ବିଭାଗ | 62.37 | 72.32 | | | 134.69 |
| 25 | ସୂଚନା ଓ ଲୋକ ସଂପର୍କ ବିଭାଗ | 56.59 | 50.00 | | | 106.59 |
| 26 | ଅବକାରୀ ବିଭାଗ | 108.88 | 20.00 | | | 128.88 |
| 27 | ବିଜ୍ଞାନ ଓ ବୈଷୟିକ ବିଭାଗ | 10.30 | 53.00 | | | 63.30 |
| 28 | ଗ୍ରାମ୍ୟ ଉନ୍ନୟନ ବିଭାଗ | 1,335.49 | 4,153.60 | | | 5,489.09 |

| ଦାବୀ ନଂ. | ବିଭାଗ | ପ୍ରଶାସନିକ ଖର୍ଚ୍ଚ | କାର୍ଯ୍ୟକ୍ରମ ଖର୍ଚ୍ଚ | ରାଜ୍ୟରୁ ହସ୍ତାନ୍ତର | ବିପର୍ଯ୍ୟୟ ମୁକାବିଲା ପାଣ୍ଠି | ସର୍ବ ମୋଟ |
|---|---|---|---|---|---|---|
| 29 | ସଂସଦୀୟ ବ୍ୟାପାର ବିଭାଗ | 63.15 | 12.04 | | | 75.19 |
| 30 | ଶକ୍ତି ବିଭାଗ | 35.88 | 1,763.00 | | | 1,798.88 |
| 31 | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | 62.91 | 100.00 | | | 162.91 |
| 32 | ପର୍ଯ୍ୟଟନ ବିଭାଗ | 15.23 | 485.08 | | | 500.31 |
| 33 | ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ବିଭାଗ | 442.71 | 972.68 | | | 1,415.39 |
| 34 | ସମବାୟ ବିଭାଗ | 141.27 | 1,500.00 | | | 1,641.27 |
| 35 | ସରକାର ଉଦ୍ୟୋଗ ବିଭାଗ | 3.78 | 5.00 | | | 8.78 |
| 36 | ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ | 25.13 | 3,880.62 | | | 3,905.75 |
| 37 | ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ | 5.73 | 193.25 | | | 198.98 |
| 38 | ଉଚ୍ଚଶିକ୍ଷା ବିଭାଗ | 1,258.02 | 1,158.61 | | | 2,416.63 |
| 39 | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | 365.00 | 299.04 | | | 664.04 |
| 40 | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | 65.42 | 400.00 | | | 465.42 |
| 41 | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | 68.04 | 2,699.11 | | | 2,767.15 |
| 42 | ବିପର୍ଯ୍ୟୟ ପରିଚାଳନା ବିଭାଗ | 29.37 | 31.00 | | 3,050.00 | 3,110.37 |
| 43 | ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | 31.92 | 103.50 | | | 135.42 |
| | **ସର୍ବମୋଟ** | **85,000.00** | **75,000.00** | **6,950.00** | **3,050.00** | **1,70,000.00** |

## 3. କ୍ଷେତ୍ରୀୟ ମୁଖ୍ୟାଂଶ

## A. ସମସ୍ତଙ୍କ ଲାଗି ସ୍ୱାସ୍ଥ୍ୟ ସେବା

- ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ଲାଗି ସର୍ବମୋଟ୍ 9,164 କୋଟି ଟଙ୍କାର ବ୍ୟୟ ବରାଦ ଯାହା ବିଗତ ବର୍ଷ ତୁଳନାରେ 19 ପ୍ରତିଶତ ଅଧିକ
- "ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା" ଅଧିନରେ 1,353 କୋଟି ଟଙ୍କାର ବ୍ୟୟ ବରାଦ
- "ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ" ମାଧ୍ୟମରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭିତ୍ତିଭୂମି ନିର୍ମାଣ ଓ ସେବା ପାଇଁ ପାଇଁ 1,572 କୋଟି ଟଙ୍କାର ବ୍ୟୟ ବରାଦ
- "ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ" ଯୋଜନାରେ 1,755 କୋଟି ଟଙ୍କା ବ୍ୟୟ ବରାଦ
- ନିର୍ମଳ ଯୋଜନାରେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ପରିମଳ ବ୍ୟବସ୍ଥାର ମାନର ଉନ୍ନତି, ଲଣ୍ଡ୍ରୀ, ସୁରକ୍ଷା, ଉଦ୍ୟାନ ଏବଂ ଲିଫ୍ଟ ସେବା ପାଇଁ 370 କୋଟି ଟଙ୍କାର ବ୍ୟବସ୍ଥା
- ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟକୁ AIIMS Plus ପ୍ରତିଷ୍ଠାନରେ ପରିଣତ କରି ଅତ୍ୟାଧୁନିକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆଗାମୀ 3 ବର୍ଷ ମଧ୍ୟରେ 3500 କୋଟି ଟଙ୍କାର ପ୍ରସ୍ତାବ । 2021-22 ପାଇଁ ଏଥି ନିମନ୍ତେ 500 କୋଟି ଟଙ୍କାର ବ୍ୟୟ ବରାଦ

- ❖ ନିରାମୟ ଯୋଜନା ଅଧୀନରେ ନିଃଶୁଳ୍କ ଔଷଧ ପାଇଁ 600 କୋଟି, ନିଦାନ ଯୋଜନା ଅଧୀନରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ 229 କୋଟି ଏବଂ ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି ଅଧୀନରେ 162 କୋଟି ଟଙ୍କା ବ୍ୟୟ ବରାଦ
- ❖ ରାଜ୍ୟର ମୁଖ୍ୟ ସ୍ୱାସ୍ଥ୍ୟାନୁଷ୍ଠାନ ଏବଂ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ମାନଙ୍କରେ ଉନ୍ନତ ସରଞ୍ଜାମ ସାହାଯ୍ୟରେ ସମୁନ୍ନତ ସ୍ୱାସ୍ଥ୍ୟ ସେବା ସୁବିଧା ପାଇଁ 117 କୋଟି ଟଙ୍କା ବ୍ୟୟ ବରାଦ
- ❖ Covid-19 ର ପରିଚାଳନା ଏବଂ ଜରୁରୀକାଳିନ ସ୍ୱାସ୍ଥ୍ୟ ସେବା ସୁବିଧା ଯୋଗାଇ ଦେବା ପାଇଁ ଜନସ୍ୱାସ୍ଥ୍ୟ ମୁକାବିଲା ପାଣ୍ଠି ଅଧୀନରେ 63 କୋଟି ଟଙ୍କା ବ୍ୟୟ ବରାଦ
- ❖ ନିଶୁଳ୍କ ଟ୍ରମା ଚିକିତ୍ସା ପାଇଁ ପାଣ୍ଠି (FTTF) ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନ ମାନଙ୍କର ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଏବଂ ରାସ୍ତା ଦୁର୍ଘଟଣାରେ ଆହତ ମାନଙ୍କୁ ସେବା ସୁବିଧା ଯୋଗାଇଦେବା ପାଇଁ 40 କୋଟି ଟଙ୍କା ବ୍ୟୟ ବରାଦ

## B. WASH ପଦକ୍ଷେପ: ଜଳ ଯୋଗାଣ, ପରିମଳ ଏବଂ ସ୍ୱଚ୍ଛତା

- ❖ 2021-22 ବର୍ଷରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ବଜେଟ୍ ଏବଂ ବଜେଟ୍ ବହିର୍ଭୂତ ଉତ୍ସରୁ 12,000 କୋଟି ଟଙ୍କାର ବୃହତ ନିବେଶ ଯେଉଁଥିରେ ବସୁଧା ଯୋଜନା ଅଧୀନରେ 2,419 କୋଟି ଟଙ୍କା, ଜଳ ଜୀବନ ମିଶନ ଅଧୀନରେ 6,300 କୋଟି ଟଙ୍କା ଏବଂ ଜଳ ଯୋଗାଣ ବ୍ୟବସ୍ଥାର ସମ୍ପାଦନ ଓ ରକ୍ଷଣାବେକ୍ଷଣ ପାଇଁ 560 କୋଟି ଟଙ୍କା ଅନ୍ତର୍ଭୁକ୍ତ
- ❖ 8 ଟି ଖଣିଜ ସମ୍ପଦଭରା ଜିଲ୍ଲାରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ପାଇଁ OMBADC ପାଣ୍ଠିରୁ 2,150 କୋଟି ଟଙ୍କା ଏବଂ DMF ରୁ 665 କୋଟି ଟଙ୍କା
- ❖ ଆମ ସହରଗୁଡିକୁ ସ୍ୱଚ୍ଛ ରଖିବାପାଇଁ "ଓଡିଶା ସମନ୍ୱିତ ପରିମଳ ଉନ୍ନତି ପ୍ରକଳ୍ପ" (OISIP) ଯୋଜନା ଅଧୀନରେ 395 କୋଟି ଟଙ୍କା, "ସହର ଦୂଷିତ ଜଳ ନିଷ୍କାସନ" ଅଧୀନରେ 160 କୋଟି ଟଙ୍କା, "ସହରୀ ପରିମଳ" ଅଧୀନରେ 190 କୋଟି ଟଙ୍କା ଏବଂ "ସ୍ୱଚ୍ଛ ଭାରତ ଯୋଜନା" ଅଧୀନରେ 215 କୋଟି ଟଙ୍କାର ବ୍ୟୟ ବରାଦ
- ❖ ସମସ୍ତ ଗ୍ରାମ ଓ ବସତି ଗୁଡିକୁ ବାହ୍ୟ ମଳମୁକ୍ତ ପ୍ରାମାଣୀକୃତ କରିବା ପାଇଁ ବ୍ୟକ୍ତିଗତ ଘରୋଇ ଶୌଚାଳୟ ପ୍ରଦାନ କରାଯାଇଛି । ସ୍ୱଚ୍ଛ ଭାରତ ମିଶନର ଗ୍ରାମୀଣ ଉପାଦାନ ପାଇଁ 200 କୋଟି ଟଙ୍କା ପ୍ରଦାନ କରାଯାଇଛି
- ❖ ଋତୁସ୍ରାବକାଳୀନ ସ୍ୱଚ୍ଛତା ଯୋଜନା "KHUSHI- Distribution of sanitary napkins" ଅଧୀନରେ ହିତାଧିକାରୀଙ୍କ ସଂଖ୍ୟା ବଢେଇବାକୁ 30 କୋଟି ଟଙ୍କାର ବ୍ୟୟ ବରାଦ

## C. କୃଷି ଓ ଆନୁସଙ୍ଗିକ କ୍ଷେତ୍ର

- ❖ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଲାଗି 17,469 କୋଟି ଟଙ୍କାର ବ୍ୟୟ ବରାଦ
- ❖ KALIA ଯୋଜନା ଅଧିନରେ 1,800 କୋଟି ଟଙ୍କାର ବ୍ୟୟ ବରାଦ
- ❖ କୃଷି ସମବାୟ ସମିତି ଓ ବାଣିଜ୍ୟିକ ବ୍ୟାଙ୍କ ଗୁଡିକରୁ ଦିଆଯାଉଥିବା କୃଷି ଋଣ ଉପରେ ସୁଧ ରିହାତି ପାଇଁ 819 କୋଟି ଟଙ୍କାର ବ୍ୟୟ ବରାଦ
- ❖ କୃଷି ବିଦ୍ୟା ଓ ଗବେଷଣାକୁ ପ୍ରୋତ୍ସାହିତ କରିବା ଲାଗି ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (OUAT) କୁ 148 କୋଟି ଟଙ୍କାର ଭିତ୍ତିଭୂମି ଅନୁଦାନ (Infrastructure Grants)
- ❖ National Horticulture Mission ପାଇଁ 120 କୋଟି ଟଙ୍କାର ବ୍ୟୟ ବରାଦ
- ❖ କୃଷକମାନଙ୍କୁ ରାସାୟନିକ ସାର ଓ ଉନ୍ନତମାନର ବିହନ ଆଗୁଆ ଉପଲବ୍ଧ କରାଇବା ଲାଗି 200 କୋଟି ଟଙ୍କାର Revolving Fund
- ❖ ବାଣିଜ୍ୟିକ କୃଷି ଉଦ୍ୟୋଗର ପ୍ରତିଷ୍ଠା ଲାଗି ଆବଶ୍ୟକ ପୁଞ୍ଜି ନିବେଶ ଉପରେ ରିହାତି ଦେବା ନିମନ୍ତେ ଏବଂ କୃଷି ଉପକରଣ ଓ ଡିଜେଲ ଚାଳିତ ପମ୍ପ ସେଟଗୁଡିକୁ ଲୋକପ୍ରିୟ କରିବା ପାଇଁ 454 କୋଟି ଟଙ୍କାର ବ୍ୟୟ ବରାଦ

- Farmer's Producer's Organisationକୁ ସହାୟତା କରିବା ପାଇଁ 60 କୋଟି ଟଙ୍କାର ବ୍ୟୟ ବରାଦ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ 500 କୋଟି ଟଙ୍କାର ବ୍ୟୟ ବରାଦ
- Odisha Millet Mission ପାଇଁ 106 କୋଟି ଟଙ୍କାର ବ୍ୟୟ ବରାଦ
- ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ କ୍ଷେତ୍ର ପାଇଁ 1,415 କୋଟି ଟଙ୍କାର ବ୍ୟୟ ବରାଦ
- ଲୁଣି ଜଳ ମାଛଚାଷ, ସାମୁଦ୍ରିକ ମାଛଚାଷ, ସଘନ ମାଛଚାଷ ଏବଂ ଆଭ୍ୟନ୍ତରୀଣ ମାଛଚାଷ ର ବିକାଶ ପାଇଁ 137 କୋଟି ଟଙ୍କାର ବ୍ୟୟ ବରାଦ
- "ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା" ଅଧୀନରେ 70 କୋଟି ବ୍ୟୟ ବରାଦ
- ମତ୍ସ୍ୟଚାଷର ସମନ୍ୱିତ ବିକାଶ ଏବଂ ପରିଚାଳନା ପାଇଁ "ନୀଳ ବିପ୍ଳବ" ଯୋଜନା ଅଧୀନରେ 161 କୋଟି ଟଙ୍କାର ବ୍ୟୟ ବରାଦ
- ଦୁଗ୍ଧ ଏବଂ ପଶୁପାଳନ ପରିଚାଳନାର ବିକାଶ ପାଇଁ "ରାଷ୍ଟ୍ରୀୟ ପଶୁଧନ ବିକାଶ ଯୋଜନା " ଅଧୀନରେ 102 କୋଟି ଟଙ୍କାର ବ୍ୟୟ ବରାଦ
- ପଶୁସମ୍ପଦ ସ୍ୱାସ୍ଥ୍ୟ ସେବାର ଉନ୍ନତିକରଣ ପାଇଁ 100 କୋଟି ଟଙ୍କାର ବ୍ୟୟ ବରାଦ

## D. ଜଳସେଚନ

- PMKSY ଯୋଜନା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅସମ୍ପୂର୍ଣ୍ଣ AIBP ପ୍ରକଳ୍ପ ପାଇଁ 2,258 କୋଟି ଟଙ୍କାର ବ୍ୟୟବରାଦ
- ସମସ୍ତ ପ୍ରମୁଖ ନଦୀରେ In-stream Storage Structures (ISS) ର ନିର୍ମାଣ ପାଇଁ 795 କୋଟି ଟଙ୍କାର ବ୍ୟୟବରାଦ
- ଜଳ କ୍ଷେତ୍ର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ (WSIDP) ଅଧୀନରେ ଚାଲୁଥିବା ଏବଂ ନୂତନ ପ୍ରକଳ୍ପ ମାନଙ୍କ ପାଇଁ 454 କୋଟି ଟଙ୍କାର ପ୍ରସ୍ତାବ
- ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ କାର୍ଯ୍ୟପାଇଁ 710 କୋଟି ଟଙ୍କାର ବ୍ୟୟବରାଦ
- "ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା" ଲାଗି 860 କୋଟି ଟଙ୍କାର ବ୍ୟୟ ବରାଦ
- RIDF ଅଧିନରେ ଜଳନିଧି ଯୋଜନାରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ପାଇଁ 180 କୋଟି ଟଙ୍କାର ପ୍ରସ୍ତାବ
- 21,000ଟି ଗଭୀର ନଳକୂପ ଖନନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ 389 କୋଟି ଟଙ୍କାର ପ୍ରସ୍ତାବ
- ବିଜୁ କୃଷକ ବିକାଶ ଯୋଜନା ଅଧିନରେ 1500ଟି ଗୋଷ୍ଠି ଉଠା ଜଳସେଚନ ପ୍ରକଳ୍ପ ମାନଙ୍କ ପାଇଁ 400 କୋଟି ଟଙ୍କାର ପ୍ରସ୍ତାବ
- 1000 ଅଚଳ ଉଠାଜଳସେଚନ କେନ୍ଦ୍ର ଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ 164 କୋଟି ଟଙ୍କାର ପ୍ରସ୍ତାବ
- ଜଳ ସଞ୍ଚାଳନ କ୍ଷତିକୁ କମ୍ କରିବା ଲାଗି CANAL LINING SYSTEM REHABILITATION PROGRAMME (CLSRP) ଯୋଜନାରେ 101 କୋଟି ଟଙ୍କାର ବ୍ୟୟବରାଦ
- ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ପାଇଁ 77 କୋଟି ଟଙ୍କାର ବ୍ୟୟବରାଦ

## E. ଗୃହନିର୍ମାଣ

- PMAY-ଗ୍ରାମାଞ୍ଚଳ ଏବଂ ବିଜୁ ପକ୍କା ଘର ଯୋଜନାର ସମ୍ମିଶ୍ରଣରେ ଆହୁରି 5 ଲକ୍ଷ ପକ୍କା ଘର ନିର୍ମାଣର ଲକ୍ଷ୍ୟ ପୂରଣ ପାଇଁ 2021-22 ରେ 3000 କୋଟି ଟଙ୍କାର ବ୍ୟୟବରାଦ
- ଓଡିଶା ସହରାଞ୍ଚଳ ଗୃହ ନିର୍ମାଣ ମିଶନ-AWAAS ଯୋଜନା ଅଧୀନରେ ସୁଲଭ ଗୃହ ନିର୍ମାଣ ଏବଂ ବସ୍ତି ବିକାଶ ପାଇଁ ହିତାଧିକାରୀଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା 20,000 ବାସଗୃହ ନିମନ୍ତେ 2021-22 ପାଇଁ 300 କୋଟି ଟଙ୍କାର ବ୍ୟୟବରାଦ

## F. ଶ୍ରମ ନିଯୁକ୍ତି, ଜୀବିକା ଏବଂ ମୌଳିକ ସେବା

- ❖ MGNREGA ର material component ପାଇଁ 2,001 କୋଟି ଟଙ୍କାର ବ୍ୟୟବରାଦ
- ❖ ଗ୍ରାମାଞ୍ଚଳରେ MGNREGA ଅଧୀନରେ କେନ୍ଦ୍ର ଅନୁଦାନରେ ମଜୁରୀକୁ ଠିକ୍ ସମୟରେ ପ୍ରଦାନ କରିବାକୁ 500 କୋଟି ଟଙ୍କାର ଏକ କର୍ପସ୍ ପାଣ୍ଠି, ମଜୁରୀ ଉପାଦାନ ବାବଦକୁ ପାଇବାକୁ ଥିବା କେନ୍ଦ୍ରୀୟ ସହାୟତା ନିମନ୍ତେ ପ୍ରଦାନ କରାଯାଇଛି
- ❖ Deen Dayal Antyodaya Yojana–National Rural Livelihood Mission ଯୋଜନା ଅଧୀନରେ 1270 କୋଟି ଟଙ୍କାର ବ୍ୟୟବରାଦ
- ❖ Shyama Prasad Mukherjee RURBAN Mission ଯୋଜନା ପାଇଁ 80 କୋଟି ଟଙ୍କାର ବ୍ୟୟବରାଦ
- ❖ ସହରାଞ୍ଚଳରେ 11.13 ଲକ୍ଷ ଶ୍ରମ ଦିବସ ନିଯୁକ୍ତି ସୃଷ୍ଟି ପାଇଁ 200 କୋଟି ଟଙ୍କାର ବ୍ୟୟବରାଦ
- ❖ ମୌଳିକ ସେବା ଯୋଗାଇବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌରାଞ୍ଚଳ ନିକାୟ ସଂସ୍ଥା ଗୁଡ଼ିକୁ 6,950 କୋଟି ଟଙ୍କା ହସ୍ତାନ୍ତର

## G. ଶିକ୍ଷା ଏବଂ ଦକ୍ଷତା ବିକାଶ

- ❖ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ୍ 24,370 କୋଟି ଟଙ୍କା ବ୍ୟୟ ବରାଦ
- ❖ "ଓଡିଶା ଆଦର୍ଶ ବିଦ୍ୟାଳୟ" ଯୋଜନା ଅଧିନରେ ବିଦ୍ୟାଳୟର ସ୍ଥାପନା ଓ ପରିଚାଳନା ଖର୍ଚ୍ଚ ପାଇଁ 280 କୋଟି ଟଙ୍କାର ବ୍ୟୟ ବରାଦ
- ❖ ସମଗ୍ର ଶିକ୍ଷା ଓ ମଧ୍ୟାହ୍ନ ଭୋଜନ ଯୋଜନା ପାଇଁ ଯଥାକ୍ରମେ 3,066 କୋଟି ଟଙ୍କା ଓ 957 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଯେଉଁଥିରେ 40 ପ୍ରତିଶତ ରାଜ୍ୟ ଅଂଶ ଅଟେ
- ❖ ପରିବେଶ ଅନୁକୂଳ ଜାଳେଣିକୁ ପ୍ରୋତ୍ସାହିତ କରିବାପାଇଁ 10 ହଜାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ LPG ସଂଯୋଗ ନିମନ୍ତେ 8 କୋଟି ଟଙ୍କାର ପ୍ରସ୍ତାବ
- ❖ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଲାଗି "ମୋ ସ୍କୁଲ" ଅଭିଯାନ ପାଇଁ 230 କୋଟି ଟଙ୍କାର ବ୍ୟୟ ବରାଦ
- ❖ "ମୋ ସ୍କୁଲ" ଅଭିଯାନ ସଫଳତା କୁ ଦେଖି "ମୋ କଲେଜ୍ ଅଭିଯାନ" ଅଧିନରେ କର୍ପସ ପାଣ୍ଠିଲାଗି 7 କୋଟି ଟଙ୍କାର ବ୍ୟୟ ବରାଦ
- ❖ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ସବୁ ପିଲାଙ୍କୁ ମାଗଣାରେ ସ୍କୁଲ ବ୍ୟାଗ, ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ପିଲାଙ୍କ ପାଇଁ ମାଗାଣାରେ ପାଠ୍ୟ ପୁସ୍ତକ, ସ୍କୁଲ ପୋଷାକ ଓ ଯୋତା ଏବଂ ଉଭୟ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ସାଇକେଲ ପ୍ରଦାନ ପାଇଁ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା (GMSMY) ଅଧିନରେ 430 କୋଟି ଟଙ୍କାର ବ୍ୟୟ ବରାଦ
- ❖ DBT ମାଧ୍ୟମରେ କ୍ରେଡିଟ୍ ହେବାକୁ ଥିବା ସମସ୍ତ ଛାତ୍ରବୃତ୍ତି ପାଇଁ 1,002 କୋଟି ଧାର୍ଯ୍ୟ କରାଯାଇଛି
- ❖ ଚିହ୍ନଟ କରାଯାଇଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କୁ ଉତ୍କର୍ଷ କେନ୍ଦ୍ରରେ (Centre of Excellence) ପରିଣତ କରିବା ପାଇଁ ବିଶ୍ୱବ୍ୟାଙ୍କ ଅଧିନରେ ଚାଲୁଥିବା Odisha Higher Education Programme for Excellence and Equity (OHEPEE) ପ୍ରକଳ୍ପ ପାଇଁ 108 କୋଟି ଟଙ୍କାର ପ୍ରସ୍ତାବ
- ❖ ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷା ପାଇଁ ଉଦ୍ଦିଷ୍ଟ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (RUSA) ନିମନ୍ତେ 212 କୋଟି ଟଙ୍କାର ପ୍ରସ୍ତାବ

- ❖ Asian Development Bank ର ସହାୟତାରେ କାର୍ଯ୍ୟକାରୀ ହେଉଥିବା ଓଡିଶା ଦକ୍ଷତା ବିକାଶ ପ୍ରକଳ୍ପ (Odisha Skill Development Project) ଅଧିନରେ ଏକ ବିଶ୍ୱ ଦକ୍ଷତା କେନ୍ଦ୍ର (World Skill Center) ପ୍ରତିଷ୍ଠା ନିମନ୍ତେ 100 କୋଟି ଟଙ୍କାର ପ୍ରସ୍ତାବ
- ❖ ବୈଷୟିକ ବିଶ୍ୱବିଦ୍ୟାଳୟ, ଯାନ୍ତ୍ରିକ ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ, Polytechnic ଏବଂ ITI ଗୁଡିକରେ ଭିତ୍ତିଭୂମିର ବିକାଶ ଲାଗି 151 କୋଟି ଟଙ୍କାର ବ୍ୟୟ ବରାଦ

## H. ମହିଳା ଓ ଶିଶୁ ବିକାଶ

- ❖ ବିଭିନ୍ନ ମହିଳା ଏବଂ ଶିଶୁ କୈନ୍ଦ୍ରିକ ନୀତି ତଥା କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ମୋଟ 3,906 କୋଟି ଟଙ୍କା ଆବଣ୍ଟନ କରାଯାଇଛି
- ❖ 2021-22 ଆର୍ଥିକ ବର୍ଷ ପାଇଁ "MAMATA" ଯୋଜନା ଅଧିନରେ 279 କୋଟି ଟଙ୍କାର ବ୍ୟୟ ବରାଦ
- ❖ Supplementary Nutrition Programme ଅଧିନରେ 1,113 କୋଟି ଟଙ୍କାର ବ୍ୟୟ ବରାଦ
- ❖ " ମିଶନ ଶକ୍ତି " ଅଧିନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କର ସଂଘର ସହାୟତା ପାଇଁ 316 କୋଟି ଟଙ୍କାର ବ୍ୟୟ ବରାଦ
- ❖ ବ୍ଲକ ସ୍ତରରେ "ମିଶନ ଶକ୍ତି ଗୃହ " ନିର୍ମାଣ ପାଇଁ ଅତିରିକ୍ତ 100 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି
- ❖ କାର୍ଯ୍ୟରତ ମହିଳାମାନଙ୍କ ହଷ୍ଟେଲ ନିର୍ମାଣ ପାଇଁ 7 କୋଟି ଟଙ୍କାର ପ୍ରସ୍ତାବ
- ❖ "Saksham Anganwadi and Poshan - 2.0" ଯୋଜନାରେ 6 ବର୍ଷରୁ କମ୍ ପିଲାମାନଙ୍କର ପୁଷ୍ଟି ଏବଂ ସ୍ୱାସ୍ଥ୍ୟ ସ୍ତରରେ ଉନ୍ନତି ଆଣିବା ପାଇଁ 2,286 କୋଟି ଟଙ୍କା ପ୍ରସ୍ତାବ ରଖାଯାଇଛି । ଏହି ଯୋଜନାର ରାଜ୍ୟ ସହାୟତା ଦିଗରେ 378 କୋଟି ପ୍ରଦାନ କରାଯାଇଛି
- ❖ "SOPAN" ଯୋଜନା ଅଧୀନ ରେ ରାଜ୍ୟର ଅପେକ୍ଷାକୃତ ଖରାପ ସ୍ୱାସ୍ଥ୍ୟ ସୂଚକାଙ୍କ ଥିବା 125 ଟି ବ୍ଲକରେ ପୁଷ୍ଟି ସ୍ତରରେ ଉନ୍ନତି ପାଇଁ 51 କୋଟି ଟଙ୍କାର ବ୍ୟୟ ବରାଦ
- ❖ "ମାଳତିଦେବୀ ପ୍ରାକ-ବିଦ୍ୟାଳୟ ପରିଧାନ" ଯୋଜନା ଅଧୀନରେ ପ୍ରାକ-ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଥିବା ପିଲାମାନଙ୍କ ପାଇଁ ୟୁନିଫର୍ମ ଯୋଗାଣ ପାଇଁ 78 କୋଟି ଟଙ୍କା ପ୍ରଦାନ କରାଯାଇଛି

## I. ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁମାନଙ୍କ ବିକାଶ

- ❖ ଅନୁସୂଚିତ ଜାତି ଓ ଜନଜାତିର ଉପାଂଶ (Sub-component) ଅଧିନରେ ମୋଟ 29,063 କୋଟି ଟଙ୍କାର ବ୍ୟୟ ବରାଦ
- ❖ "ANWESHA" ସମେତ ବିଭିନ୍ନ ସାମାଜିକ କ୍ଷେତ୍ରର ଉନ୍ନୟନ ପଦକ୍ଷେପ ପାଇଁ 110 କୋଟି ଟଙ୍କାର ବ୍ୟୟ ବରାଦ
- ❖ "AKANKSHYA" ଯୋଜନା ଅଧିନରେ ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କ ପାଇଁ ଛାତ୍ରୀନିବାସ ଓ ସହରୀ ଛାତ୍ରାବାସ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ 270 କୋଟି ଟଙ୍କାର ବ୍ୟୟ ବରାଦ
- ❖ ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମ (PMJVK) ଅଧୀନରେ 21 ସଂଖ୍ୟାଲଘୁ ଛାତ୍ରାବାସ ପାଇଁ 61 କୋଟି ଟଙ୍କାର ବ୍ୟୟ ବରାଦ
- ❖ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କର Pre-matric ଏବଂ Post-matric ବୃତ୍ତି ପାଇଁ 903 କୋଟି ଟଙ୍କାର ବ୍ୟୟ ବରାଦ
- ❖ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା (PMAGY) ଅଧୀନରେ 101 କୋଟି ଟଙ୍କାର ବ୍ୟୟବରାଦ
- ❖ 9 ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡିକର ବିକାଶ ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ଅଧୀନରେ □ 59 କୋଟି ଟଙ୍କା ପ୍ରଦାନ କରାଯାଇଛି

- 2021-22 ବର୍ଷରେ ଏକ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ SCA to TSS ଯୋଜନାରେ 140 କୋଟି ଟଙ୍କାର ବ୍ୟୟବରାଦ

## J. ସାମାଜିକ ନିରାପତ୍ତା ବ୍ୟବସ୍ଥା

- ସାମାଜିକ ନିରାପତ୍ତା ଲାଗି ସର୍ବମୋଟ୍ 2,767 କୋଟି ଟଙ୍କାର ବ୍ୟୟ ବରାଦ
- ବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗ ହିତାଧିକକାରୀଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ "ମଧୁବାବୁ ପେନସନ ଯୋଜନା" ଅଧିନରେ 1,509 କୋଟି ଟଙ୍କା ଓ ଜାତୀୟ ସାମାଜିକ ସହାୟତା ଯୋଜନା (NSAP) ଅଧିନରେ 923 କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି
- ଦିବ୍ୟାଙ୍ଗ ମାନଙ୍କର କଲ୍ୟାଣ ପାଇଁ 105 କୋଟି ଟଙ୍କା ଏବଂ ଜାତୀୟ ଦିବ୍ୟାଙ୍ଗ ଯୋଜନା ଅଧିନରେ 14 କୋଟି ଟଙ୍କାର ପ୍ରସ୍ତାବ
- ଦୁଃସ୍ଥ ଓ ପରିତ୍ୟକ୍ତ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ 133 କୋଟି ଟଙ୍କାର ପ୍ରସ୍ତାବ ଯେଉଁଥିରେ ବୃଦ୍ଧାଶ୍ରମ ସ୍ଥାପନ ପାଇଁ 114 କୋଟି ଟଙ୍କା ଅନ୍ତର୍ଭୁକ୍ତ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ପାଇଁ 23 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି

## K. ଖାଦ୍ୟ ନିରାପତ୍ତା

- କେ.ଜି. ପିଛା 1 ଟଙ୍କାରେ ଚାଉଳ ଯୋଗାଇ ଦେବାଲାଗି ସର୍ବମୋଟ୍ 969 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ରାଜ୍ୟର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ମାଧ୍ୟମରେ 23 ଲକ୍ଷ ଅତିରିକ୍ତ ହିତାଧିକାରୀଙ୍କୁ ମାସିକ 5 କିଲୋଗ୍ରାମ ଚାଉଳ ରିହାତି ଦରରେ କେ.ଜି. ପିଛା 1 ଟଙ୍କା ମୂଲ୍ୟରେ ଯୋଗାଇ ଦିଆଯାଉଛି

## L. ଭିତ୍ତିଭୂମି ବିକାଶ

- ଶକ୍ତି କ୍ଷେତ୍ର ପାଇଁ 1,799 କୋଟି ଟଙ୍କାର ବ୍ୟୟ ବରାଦ
- 2021-22 ବର୍ଷରେ OPGC ରେ AES ର 49 ପ୍ରତିଶତ ଅଂଶ କିଣିବା ପାଇଁ OHPC କୁ ଅଂଶଧନ ନିବେଶ ମାଧ୍ୟମରେ 500 କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି
- Flue Gas Desulphurisation (FGD) System ର ସଂସ୍ଥାପନ ନିମନ୍ତେ OPGC କୁ ଅତିରିକ୍ତ 225 କୋଟି ଟଙ୍କାର ଇକ୍ୱିଟି ସହାୟତା ପ୍ରଦାନ କରାଯାଇଛି
- 132/33 କେଭି ସବ ଷ୍ଟେସନ ନିର୍ମାଣ ଏବଂ ଗ୍ରାମାଞ୍ଚଳକୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ପାଇଁ ଅଣ-ଲାଭଜନକ ଶକ୍ତି ଭିତ୍ତିଭୂମି ସୃଷ୍ଟି କରିବା ପାଇଁ OPTCL କୁ 332 କୋଟି ଟଙ୍କାର ଇକ୍ୱିଟି ଅବଦାନ ପ୍ରଦାନ କରାଯାଇଛି
- ପାରାଦୀପ ଠାରେ 400/220/33Kv ର GIS Sub-Stations ନିର୍ମାଣ ପାଇଁ 90 କୋଟି ଟଙ୍କାର ବ୍ୟୟ ବରାଦ
- Radial to Ring Conversion Project ପାଇଁ 30 କୋଟି ଏବଂ Disaster Resilient Power System ପାଇଁ 50 କୋଟି ଟଙ୍କାର ବ୍ୟୟ ବରାଦ
- ହାତୀ ଚଳପ୍ରଚଳ ରାସ୍ତା ଓ ଅଞ୍ଚଳରେ System Strengthening ପାଇଁ 120 କୋଟି ଏବଂ ODSSP ପାଇଁ 100 କୋଟି ଟଙ୍କାର ବ୍ୟୟ ବରାଦ
- ସଡକ ବିକାଶ ଯୋଜନା ଅଧୀନରେ ରାଜ୍ୟରେ ସଡକ ଓ ସେତୁ ନିର୍ମାଣ ଓ ଉନ୍ନତିକରଣ ପାଇଁ 2296 କୋଟି ତାଙ୍କ ବ୍ୟୟ ବରାଦ।
- "ବିଜୁ ସେତୁ" ଯୋଜନାରେ ସେତୁ ନିର୍ମାଣ ଲାଗି 912 କୋଟି ଟଙ୍କାର ବ୍ୟୟ ବରାଦ
- "ସଡକ ଏବଂ ବ୍ରିଜ୍ ନିର୍ମାଣ / ଉନ୍ନତି "ଯୋଜନା ଅଧୀନରେ 600 କୋଟି ଟଙ୍କାର ବ୍ୟୟ ବରାଦ

- 4000 କିଲୋମିଟର ଗ୍ରାମାଞ୍ଚଳ ରାସ୍ତା ସଂପୂର୍ଣ୍ଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଧୀନରେ 2000 କୋଟି ଟଙ୍କା ଯୋଗାଇବାର ବ୍ୟବସ୍ଥା
- ରାଜ୍ୟ ରାଜପଥ ବିକାଶ କାର୍ଯ୍ୟକ୍ରମ (SHDP) ପାଇଁ 200 କୋଟି, PPP ମାଧ୍ୟମରେ ସଡକ ପ୍ରକଳ୍ପ ପାଇଁ 53 କୋଟି; ପଶ୍ଚିମ ଓଡିଶା ଏବଂ KBK ଜିଲ୍ଲାରେ ସଂଯୋଗକୁ ସୁଦୃଢ କରିବାକୁ ବିଜୁ ଏକ୍ସପ୍ରେସୱେ ପାଇଁ 100 କୋଟି; କେନ୍ଦ୍ରୀୟ ସଡକ ପାଣ୍ଠି ପ୍ରକଳ୍ପ ପାଇଁ 429 କୋଟି ଟଙ୍କାର ବ୍ୟୟ ବରାଦ
- RD ରାସ୍ତା ଏବଂ ସେତୁ ର ଉନ୍ନତି ଏବଂ ନିର୍ମାଣ ପାଇଁ 781 କୋଟି, ଏବଂ ମୁଖ୍ୟ ମନ୍ତ୍ରୀ ସଡକ ଯୋଜନା ଅଧୀନରେ 300 କୋଟି ଟଙ୍କାର ବ୍ୟୟ ବରାଦ
- ରାଉରକେଲା, ଜୟପୁର, ଉତକେଲା ଓ ଝାରସୁଗୁଡା ଠାରେ ବିମାନବନ୍ଦରର ଜମି ଅଧିଗ୍ରହଣ, ନିର୍ମାଣ, ନବୀକରଣ, ସମ୍ପ୍ରସାରଣ ଏବଂ ବିରାସାଲ ଏୟାରଷ୍ଟ୍ରିପ୍ ର ନବୀକରଣ ପାଇଁ 100 କୋଟି ପ୍ରଦାନ କରାଯାଇଛି
- ରାଜ୍ୟରେ ରେଳ ପ୍ରକଳ୍ପର ବିକାଶ ପାଇଁ 396 କୋଟି ଟଙ୍କାର ବ୍ୟୟ ବରାଦ
- ବ୍ଲକ ସ୍ତରରେ ବସ୍ ଷ୍ଟାଣ୍ଡ ଏବଂ କଟକ ଠାରେ ନୂତନ ବସ୍ ଟର୍ମିନାଲ୍ ନିର୍ମାଣ ପାଇଁ 100 କୋଟି ପ୍ରଦାନ କରାଯାଇଛି
- ସହରାଞ୍ଚଳ ସଡକ ପରିବହନ ଏବଂ ବରାମୁଣ୍ଡା ବସ୍ ଷ୍ଟାଣ୍ଡର ବିକାଶ ପାଇଁ 100 କୋଟି ପ୍ରଦାନ କରାଯାଇଛି
- "Sagarmala" ଯୋଜନା ଅଧୀନରେ 34 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି, ଯାହାଦ୍ୱାରା ବାଲୁଗାଁକୁ ଓ କୃଷ୍ଣପ୍ରସାଦ ସହ ଏବଂ ଭଦ୍ରକ ଜିଲ୍ଲାର କାନିନାଲିକୁ କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆ ସହ ସଂଯୋଗ କରାଯିବ

## M. ଶିଳ୍ପର ବିକାଶ ଲାଗି ନିବେଶ

- ଶିଳ୍ପ କ୍ଷେତ୍ରର ଉନ୍ନୟନ ଏବଂ ପୁଞ୍ଜି ନିବେଶକୁ ଆକର୍ଷିତ କରିବା ଲାଗି 425 କୋଟି ଟଙ୍କାର ବ୍ୟୟ ବରାଦ
- ରାଜ୍ୟରେ ଥିବା "Land Bank " ପାଇଁ 50 କୋଟି ଟଙ୍କା ପ୍ରସ୍ତାବ ରଖାଯାଇଛି, ଯେଉଁଥିରୁ ଓଡ଼ିଶା ଅର୍ଥନୈତିକ କରିଡର ବିକାଶ ପାଇଁ 20 କୋଟି ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି
- ଧାମରା, ଭଦ୍ରକ ଠାରେ Mega Textile Park ର ବିକାଶ ପାଇଁ 10 କୋଟି, ପାରାଦୀପ ଠାରେ PCPIR ନିମନ୍ତେ common effluent treatment plant ର ନିର୍ମାଣ ପାଇଁ 10 କୋଟି, ଏବଂ ଅନୁଗୁଳ ଠାରେ Mega Aluminium Park ପାଇଁ 5 କୋଟି ଟଙ୍କାର ବ୍ୟୟ ବରାଦ
- ଶିଳ୍ପ ଭିତ୍ତିଭୂମି ବିକାଶ ପାଇଁ IDCO କୁ 155 କୋଟି ଆର୍ଥିକ ସହାୟତା
- MSME କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 2021-22 ରେ 465 କୋଟି ଟଙ୍କାର ପ୍ରସ୍ତାବ ଯାହା ପୂର୍ବ ବର୍ଷ ତୁଳନାରେ 86 ପ୍ରତିଶତ ଅଧିକ
- MSME କ୍ଷେତ୍ରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ 125 କୋଟି ଟଙ୍କା, MSME କ୍ଷେତ୍ରର ପ୍ରଚାରପ୍ରସାର ପାଇଁ 80 କୋଟି ଟଙ୍କା ଏବଂ ଖଦି ଓ ଗ୍ରାମ ଉଦ୍ୟୋଗର ପ୍ରଚାରପ୍ରସାର ପାଇଁ 27 କୋଟି ଟଙ୍କାର ବ୍ୟୟ ବରାଦ
- COVID19 ସମୟରେ MSME କ୍ଷେତ୍ରକୁ ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାର ପ୍ରାୟ 289 କୋଟିର ଏକ ସ୍ୱତନ୍ତ୍ର COVID ପ୍ୟାକେଜ୍ ଘୋଷଣା କରିସାରିଛନ୍ତି
- ହସ୍ତତନ୍ତ, ହସ୍ତଶିଳ୍ପ,ରେଶମ ଚାଷ ଏବଂ ବୟନ କ୍ଷେତ୍ର ପାଇଁ 163 କୋଟିର ପୁଞ୍ଜିଖର୍ଚ୍ଚ ପ୍ରସ୍ତୁତ କରାଯାଇଛି
- ହସ୍ତତନ୍ତ ନିମନ୍ତେ 36 କୋଟି ଟଙ୍କା, ହସ୍ତଶିଳ୍ପ ନିମନ୍ତେ 30 କୋଟି ଟଙ୍କା , ପରିଧାନ ଓ ବୟନ କ୍ଷେତ୍ର ପାଇଁ 9 କୋଟି ଟଙ୍କା ଏବଂ ରେଶମ ଚାଷ ପାଇଁ 9 କୋଟି ଟଙ୍କାର ପ୍ରସ୍ତାବ
- ଖଣି କ୍ଷେତ୍ର ପାଇଁ 135 କୋଟି ଆବଣ୍ଟନ କରାଯାଇଛି, ଯେଉଁଥିରେ i3MS ପାଇଁ 47 କୋଟି ଏବଂ ଖଣିଜ ଅନୁସନ୍ଧାନ ଏବଂ ନିଲାମ ପାଇଁ 17 କୋଟି ଦିଆଯାଇଛି

## N. ସାଧାରଣ ପ୍ରଶାସନ ଏବଂ ଆଇନ ଶୃଙ୍ଖଳା

- ❖ ନ୍ୟାୟ ପ୍ରଦାନ, ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷା, ଅପରାଧ ନିୟନ୍ତ୍ରଣ, ଅଗ୍ନି ବିପର୍ଯ୍ୟୟ, ଏବଂ ନିୟନ୍ତ୍ରଣ ପରିଚାଳନା ଇତ୍ୟାଦି ପାଇଁ 2021-22 ବର୍ଷରେ 6,424 କୋଟି ଟଙ୍କାର ବ୍ୟୟ ବରାଦ
- ❖ ପୋଲିସ, ଅଗ୍ନିଶମ ଏବଂ କାରାଗାର ସଂଗଠନର ଆବାସିକ ଏବଂ ଅଣ-ଆବାସିକ ଗୃହ ନିର୍ମାଣ ପାଇଁ 315 କୋଟି ଟଙ୍କା ପ୍ରଦାନ କରାଯାଇଛି
- ❖ ନ୍ୟାୟପାଳିକାର ଭିତ୍ତିଭୂମି ସୁବିଧା ବିକାଶ ପାଇଁ 50 କୋଟି ପ୍ରସ୍ତାବ ଦିଆଯାଇଛି
- ❖ ସମସ୍ତ ପ୍ରକାର ଜରୁରୀକାଳୀନ ସେବା ପାଇଁ ERSS Dial -112 ରୂପରେ ଏକ ଦେଶବ୍ୟାପୀ distress call ସେବାର ଆରମ୍ଭ ପାଇଁ 64 କୋଟି ପ୍ରଦାନ କରାଯାଇଛି
- ❖ CCTNS ପ୍ରକଳ୍ପ ପାଇଁ 30 କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଛି
- ❖ ରାଜସ୍ୱ ପ୍ରଶାସନ ଅଧୀନରେ ଥିବା କୋଠବାଡି, ଆଇଟି ଭିତ୍ତିଭୂମିକୁ ମଜବୁତ କରିବା, ସରକାରୀ ଜମିର ସୁରକ୍ଷା ଏବଂ ଲଘୁ ଖଣିଜ ପଦାର୍ଥ ଚୋରି ରୋକିବା ପାଇଁ 225 କୋଟି ଟଙ୍କାର ପ୍ରସ୍ତାବ

## O. ଜଙ୍ଗଲ ଓ ପରିବେଶ

- ❖ 2021-22 ମସିହାରେ ଜଙ୍ଗଲ କ୍ଷେତ୍ର ପାଇଁ 1854 କୋଟି ଟଙ୍କାର ବ୍ୟୟବରାଦ
- ❖ ଉପରୋକ୍ତ ବ୍ୟୟ ବରାଦ ମଧ୍ୟରେ ରହିଛି , CAMPA ପାଣ୍ଠିରୁ 903 କୋଟି, JICA ସହାୟତାରେ ଓଡିଶା ବନାଞ୍ଚଳ ବିକାଶ ପ୍ରକଳ୍ପ(OFSDP) ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାରିତା ପାଇଁ 120 କୋଟି ଟଙ୍କା
- ❖ ଆମ ଜଙ୍ଗଲ ଯୋଜନା ଅଧୀନରେ ଅଧିକରୁ ଅଧିକ ବନାଞ୍ଚଳକୁ ସଂଯୁକ୍ତ ଜଙ୍ଗଲ ପରିଚାଳନା ପରିସର କୁ ଆଣିବାପାଇଁ 15 କୋଟି ଟଙ୍କାର ପ୍ରସ୍ତାବ

## P. ପର୍ଯ୍ୟଟନ

- ❖ "ABADHA" ଯୋଜନା ଅଧିନରେ ପୁରୀକୁ ବିଶ୍ୱ ଐତିହ୍ୟ ସହର ରୂପେ ଗଢିତୋଳିବା ପାଇଁ 542 କୋଟି ଟଙ୍କାର ବ୍ୟୟବରାଦ
- ❖ "EKAMRA" ଯୋଜନା ଅଧିନରେ 200 କୋଟି ଟଙ୍କାର ବ୍ୟୟବରାଦ
- ❖ "SAMALEI" ଯୋଜନା ଅଧୀନରେ 200 କୋଟି ଟଙ୍କାର ବ୍ୟୟବରାଦ
- ❖ ପର୍ଯ୍ୟଟନ ବିଭାଗ ପାଇଁ ବ୍ୟୟ ବରାଦ 25% ବୃଦ୍ଧି – ମୋଟ୍ 500 କୋଟି ଟଙ୍କା
- ❖ ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନୟନ ଓ ପରିଚାଳନା ପାଇଁ 349 କୋଟି ଟଙ୍କାର ବ୍ୟୟବରାଦ
- ❖ ପର୍ଯ୍ୟଟନର ପ୍ରଚାରପ୍ରସାର ପାଇଁ 83 କୋଟି ଟଙ୍କାର ବ୍ୟୟବରାଦ

## Q. କ୍ରୀଡା ଓ ଯୁବସେବା

- ❖ ଅନ୍ୟାନ୍ୟ କ୍ରୀଡା ଭିତ୍ତିଭୂମି ବିକାଶ ଏବଂ ପରିଚାଳନା ପାଇଁ 109 କୋଟି ଟଙ୍କାର ପ୍ରସ୍ତାବ ରହିଛି, ଯାହାର କିଛି ଅଂଶ ମନୋନୀତ ULB ଗୁଡ଼ିକରେ ସହରୀ ସହରୀ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣରେ ବ୍ୟବହୃତ ହେବ ।
- ❖ କ୍ରୀଡ଼ା ଶିକ୍ଷା ପ୍ରୋତ୍ସାହନ ପାଇଁ 108.73 କୋଟି, ଖେଲୋ ଇଣ୍ଡିଆକୁ ରାଜ୍ୟ ସହାୟତା ପାଇଁ 11 କୋଟି ଏବଂ ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଏବଂ କଟକ ଠାରେ କ୍ରୀଡା ସୁବିଧା ସୁଧାର ପାଇଁ 8 କୋଟି ପ୍ରଦାନ କରାଯାଇଛି।

## R. ଯୋଜନା ଓ ସଂଯୋଜନା

- ❖ MLALAD ପାଣ୍ଠିରେ 441 କୋଟି ଟଙ୍କାର ବ୍ୟୟବରାଦ
- ❖ ରାଜ୍ୟରେ ସ୍ୱତନ୍ତ୍ର ଧରଣର ପ୍ରକଳ୍ପ ପାଇଁ Special Problem Fund (SPF) ଯୋଜନା ଅଧୀନରେ 100 କୋଟି ଟଙ୍କାର ପ୍ରସ୍ତାବ
- ❖ ପଶ୍ଚିମ ଓଡିଶାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ, WODC ପାଇଁ 180 କୋଟି ଟଙ୍କା ଯୋଗାଇ ଦିଆଯାଇଛି, ଯାହା ପୂର୍ବ ବର୍ଷର ବ୍ୟୟବରାଦଠାରୁ ଦୁଇଗୁଣରୁ ଅଧିକ
- ❖ କେବିକେ ଜିଲ୍ଲାର ଭିତ୍ତିଭୂମିରେ ଉନ୍ନତି, ମୁଖ୍ୟତଃ ବିଜୁଳି, ସଡକ, ପାଣି ପାଇଁ ବିଜୁ କେବିକେ ଯୋଜନା ଅଧୀନରେ 250 କୋଟିର ଟଙ୍କାର ଏକ ପ୍ରସ୍ତାବ
- ❖ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ନାମରେ ନାମିତ ଚିତ୍ରକୋଣ୍ଡା ବ୍ଲକର ତତ୍କାଳୀନ ବିଚ୍ଛିନ୍ନାଞ୍ଚଳ ର 151ଟି ଗ୍ରାମର ବିକାଶ ପାଇଁ SETU ଯୋଜନା ଅଧୀନରେ 50 କୋଟି ଟଙ୍କାର ବ୍ୟୟବରାଦ
- ❖ 2021-22 ମଧ୍ୟରେ DMF ରୁ 3,143 କୋଟି ଟଙ୍କା ଏବଂ OMBADC ରୁ 3,814 କୋଟି ଟଙ୍କା ବିକାଶ କାର୍ଯ୍ୟ ପାଇଁ ବ୍ୟବହାର କରିବାକୁ ପ୍ରସ୍ତାବ ଦିଆଯାଇଛି

## S. ଓଡିଆ ଭାଷା, ସଂସ୍କୃତି ଓ ଐତିହ୍ୟ

- ❖ ଓଡିଆ ଭାଷା, ସଂସ୍କୃତି ଓ ଐତିହ୍ୟ ପ୍ରଚାର ପାଇଁ 135 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯେଉଁଥିରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ 51 କୋଟି ଟଙ୍କା, ଆମ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ କୁ ପ୍ରତିଫଳିତ କରୁଥିବା ସ୍ମାରକୀ ଏବଂ ସ୍ଥାନଗୁଡିକର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ 8 କୋଟି ଟଙ୍କାର ବ୍ୟୟବରାଦ ଅନ୍ତର୍ଭୁକ୍ତ

## T. ବିଜ୍ଞାନ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି

- ❖ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରୋତ୍ସାହନ ପାଇଁ 63 କୋଟି ଟଙ୍କାର ପ୍ରସ୍ତାବ ଯାହା ମଧ୍ୟରେ ପ୍ଲାନେଟାରିୟମ୍ ଏବଂ ମ୍ୟୁଜିୟମର ବିକାଶ ପାଇଁ 20 କୋଟି ଟଙ୍କା, ଆଞ୍ଚଳିକ ଏବଂ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସମେତ ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପରିଷଦ ପାଇଁ 16 କୋଟି ଟଙ୍କା ଏବଂ ବାୟୋଟେକ୍ନୋଲୋଜିର ବିକାଶ ପାଇଁ 8 କୋଟି ଟଙ୍କାର ପ୍ରସ୍ତାବ
- ❖ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ପାଇଁ 199 କୋଟି ଟଙ୍କାର ପ୍ରସ୍ତାବ ଯେଉଁଥିରୁ ଆଇଟି ଭିତ୍ତିଭୂମି ଏବଂ ସଂଯୋଗୀକରଣ ପାଇଁ 111 କୋଟି ଟଙ୍କା ଏବଂ ଆଇଟି ପାର୍କ ଏବଂ ଟାୱାରର ବିକାଶ ପାଇଁ 19 କୋଟି ଟଙ୍କାର ପ୍ରସ୍ତାବ
- ❖ IT ଅପଲିକେସନ ଏବଂ ସେବା ପାଇଁ 21 କୋଟିର ବ୍ୟୟ ବରାଦ

## U. ବିପର୍ଯ୍ୟୟ ପରିଚାଳନା

- ❖ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ମୋଟ 3,050 କୋଟି ଟଙ୍କାର ପ୍ରସ୍ତାବ ଯାହା ମଧ୍ୟରେ SDRMF ପାଇଁ 2,139 କୋଟି ଟଙ୍କା, NDRMF ପାଇଁ 961 କୋଟି ଟଙ୍କା ପ୍ରସ୍ତାବ
- ❖ ଏତଦ୍‌ବ୍ୟତୀତ ବିଶ୍ୱ ବ୍ୟାଙ୍କ ସହାୟତାରେ ଚାଲୁଥିବା ODRP ପ୍ରକଳ୍ପ ପାଇଁ 100 କୋଟି ଟଙ୍କାର ପ୍ରସ୍ତାବ

***